# NATIONAL NEWS BULLETIN (ODIA)

## 21 May - 2025

## Morning Bulletin : 7.15 A.M.

************************************************

## ମୁଖ୍ୟ ସମ୍ବାଦ

- ଅପରେସନ ସିନ୍ଦୂର ସମ୍ପର୍କରେ ଅବଗତ କରାଇବାକୁ ଆଜିଠାରୁ ଚାରୋଟି ରାଷ୍ଟ୍ରକୁ ଗସ୍ତରେ ଯିବ ପ୍ରଥମ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ।
- ଭାରତ-ଜାର୍ମାନୀ ରଣନୈତିକ ସହଭାଗିତାକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଜର୍ମାନ ଚାନ୍‌ସେଲର୍‌ଙ୍କ ସହ କଥାବାର୍ତ୍ତା କଲେ ପ୍ରଧାନମନ୍ତ୍ରୀ ।
- ସମବାୟ ସମିତି ଗୁଡ଼ିକ ମାଧ୍ୟମରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ସ୍ଥାୟୀ ବିକାଶ ଉପରେ ଗୁରୁତ୍ୱ ଦେଲେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ।
- ସାଧାରଣ ଜନତାଙ୍କ ପାଇଁ ଆଜିଠୁ ଉନ୍ମୁକ୍ତ ହେବ ଅଟାରି ୱାଘା ଚେକ୍ ପୋଷ୍ଟ ବିଟିଂ ରିଟ୍ରିଟ୍ ସମାରୋହ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ବିଜୟୀ ହୋଇଛି ।

# ମିଶ୍ରି-ଡେଲିଗେସନ୍ସ

ଅପରେସନ୍ ସିନ୍ଦୂର ସମ୍ପର୍କରେ ଭାରତର କୂଟନୈତିକ ପ୍ରଚାର ପାଇଁ ଗଠିତ ୭ଟି ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ମଧ୍ୟରୁ ପ୍ରଥମ ଦଳ ଆଜି ଯାତ୍ରା ଆରମ୍ଭ କରିବ । ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କ ନେତୃତ୍ୱରେ ଏହି ଦଳ ସଂଯୁକ୍ତ ଆରବ ଏମିରେଟସ୍, ଲାଇବେରିଆ, କଙ୍ଗୋ ଏବଂ ସିଏରାଲିଓନ୍ ଗସ୍ତରେ ଯିବେ । ଜେ.ଡି.ୟୁ. ସାଂସଦ ସଞ୍ଜୟ ଝା ଏବଂ ଡି.ଏମ୍.କେ. ସାଂସଦ କାନିମୋଝି କରୁଣାନିଧିଙ୍କ ନେତୃତ୍ୱାଧୀନ ଅନ୍ୟ ଦୁଇଟି ଦଳ ଆସନ୍ତାକାଲି ଗସ୍ତରେ ଯିବାର କାର୍ଯ୍ୟସୂଚୀ ରହିଛି । ସଞ୍ଜୟ ଝାଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳୀ ଇଣ୍ଡୋନେସିଆ, ମାଲେସିଆ, କୋରିଆ ଗଣରାଜ୍ୟ, ଜାପାନ ଏବଂ ସିଙ୍ଗାପୁରକୁ ଗସ୍ତ କରିବେ । କାନିମୋଝୀଙ୍କ ନେତୃତ୍ୱାଧୀନ ଦଳ ସ୍ପେନ୍, ଗ୍ରୀସ୍, ସ୍ଲୋଭେନିଆ, ଲାଟଭିୟା ଏବଂ ରୁଷ ଗସ୍ତରେ ଯିବେ । ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟସହନଶୀଳତା ନୀତି ସମ୍ପର୍କରେ ବିଶ୍ୱ ସମୁଦାୟକୁ ଅବଗତ କରିବା ଲକ୍ଷ୍ୟ ନେଇ ଏହି ବହୁଦଳୀୟ ପ୍ରତିନିଧି ମଣ୍ଡଳୀ ଗଠନ କରାଯାଇଛି । ବୈଦେଶିକ ସଚିବ ବିକ୍ରମ ମିଶ୍ରି ଗତକାଲି ନୂଆଦିଲ୍ଲୀର ସାଂସଦ ଭବନ ପରିସରରେ ଏହି ତିନୋଟି ପ୍ରତିନିଧି ମଣ୍ଡଳୀର ସଦସ୍ୟଙ୍କୁ ଅପରେସନ୍ ସିନ୍ଦୂର ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି ।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସାଂସଦ ଶ୍ରୀକାନ୍ତ ସିନ୍ଦେ କହିଛନ୍ତି, ଆତଙ୍କବାଦୀ ଆକ୍ରମଣ ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ନେଇ

ପାକିସ୍ତାନର ପ୍ରୋତ୍ସାହନ ସମ୍ପର୍କରେ ତାଙ୍କ ଦଳକୁ ସମ୍ପୂର୍ଣ୍ଣ ଅବଗତ କରାଯାଇଛି ।

ଅନ୍ୟ ଏକ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଉଥିବା ସାଂସଦ ସଞ୍ଜୟ ଝା କହିଛନ୍ତି, ସେମାନେ ଗସ୍ତ କରିବାକୁ ଥିବା ରାଷ୍ଟ୍ର ଗୁଡ଼ିକୁ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ କାର୍ଯ୍ୟକଳାପ ଏବଂ ଏ ସଂକ୍ରାନ୍ତ ଆହ୍ୱାନ ନେଇ ଭାରତର ମୁକାବିଲା ସମ୍ପର୍କରେ ଆଲୋକପାତ କରିବେ ।

**V/O-SANJAY-JHA**

ବିଭିନ୍ନ ରାଜନୈତିକ ଦଳର ୫୯ ଜଣ ସାଂସଦଙ୍କୁ ନେଇ ୭ଟି ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଗଠନ କରାଯାଇଛି । ଆଜିଠାରୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିନିଧି ମଣ୍ଡଳୀ ୩୨ଟି ରାଷ୍ଟ୍ର ଗସ୍ତ କରିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

# ୟୁପି-ରାଜନାଥ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଅପରେସନ ସିନ୍ଦୂର ମାଧ୍ୟମରେ ଭାରତୀୟ ସଶସ୍ତ୍ର ବାହିନୀ ପାକିସ୍ତାନରେ ବହୁ ସଂଖ୍ୟକ ଆତଙ୍କବାଦୀଙ୍କୁ ନିପାତ କରିବାରେ ସଫଳ ହୋଇଛି । ଲକ୍ଷ୍ନୌରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ଅବସରରେ ଶ୍ରୀ ସିଂହ କହିଛନ୍ତି, ସୀମାପାର ଆତଙ୍କବାଦ ସ୍ଥଳୀଗୁଡ଼ିକୁ ସଠିକ୍ ଭାବେ ଚିହ୍ନଟ କରାଯିବା ସହ

ଏହାକୁ ନଷ୍ଟ କରିବା ଲକ୍ଷ୍ୟ ନେଇ ଭାରତୀୟ ସେନା ପକ୍ଷରୁ ଆକ୍ରମଣ କରାଯାଇଥିଲା ।

**V/O-RAJNATH-SINGH-ON-OPERATION-SINDOOR**

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ଅପରେସନ ସିନ୍ଦୂର ଭାରତର ଆତ୍ମସମ୍ମାନ ଓ ମହିଳା ଶକ୍ତିର ପ୍ରତିକ ।

# ପିଏମ୍-ଜର୍ମାନୀ ଚାନ୍‌ସେଲର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ସନ୍ଧ୍ୟାରେ ଜର୍ମାନର ଚାନ୍‌ସେଲର ଫେଡ୍ରିଚ୍ ମର୍ଜଙ୍କ ସହ ଟେଲିଫୋନ୍ ଯୋଗେ କଥାବାର୍ତ୍ତା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଜର୍ମାନ ଚାନ୍‌ସେଲର ଭାବେ ଦାୟିତ୍ୱ ଗ୍ରହଣ କରିଥିବାରୁ ମର୍ଜଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଦୁଇ ଦେଶ ମଧ୍ୟରେ ରଣନୈତିକ ସହଭାଗିତାକୁ ଆହୁରି ମଜବୁତ କରିବା ନେଇ ଉଭୟ ପକ୍ଷ ପ୍ରତିବଦ୍ଧତା ଦୋହରାଇଛନ୍ତି ।

ବିଭିନ୍ନ ଆଞ୍ଚଳିକ ତଥା ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ବୈଶ୍ୱିକ ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆତଙ୍କବାଦ ବିରୁଦ୍ଧରେ ଉଭୟ ଦେଶ ସମ୍ମିଳିତ ଉଦ୍ୟମ ନେଇ ସହମତି ପ୍ରକାଶ କରିଛନ୍ତି ବୋଲି ଶ୍ରୀ ମୋଦୀ ସୂଚନା ଦେଇଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି, ଗତ ୨୫ ବର୍ଷ ମଧ୍ୟରେ ଭାରତ-

ଜର୍ମାନ ରଣନୈତିକ ସହଭାଗିତାର ଉଲ୍ଲେଖନୀୟ ପ୍ରଗତି ଉପରେ ଉଭୟ ନେତା ମତ ବିନିମୟ କରିଛନ୍ତି ।

ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ନବସୃଜନ ଏବଂ ପ୍ରଯୁକ୍ତି ବିଦ୍ୟା ଆଦି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ଦୃଢ଼ କରିବା ନେଇ ଉଭୟ ନେତା ସହମତ ହୋଇଛନ୍ତି । ଚାନ୍‌ସେଲର ମର୍ଜଙ୍କୁ ଭାରତ ଗସ୍ତ ପାଇଁ ପ୍ରଧାନମନ୍ତ୍ରୀ ନିମନ୍ତ୍ରଣ କରିଥିବା ମନ୍ତ୍ରଣାଳୟ କହିଛି ।

## ଶାହା-ଡାଏରୀ ସେକ୍ଟର

ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଦେଶରେ ଶ୍ୱେତ ବିପ୍ଲବର ଦ୍ୱିତୀୟ ପର୍ଯ୍ୟାୟ ଅଧୀନରେ ସମବାୟ ସମିତି ଗୁଡ଼ିକ ମାଧ୍ୟମରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ସ୍ଥାୟୀ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀ ଠାରେ ଗତକାଲି ସମବାୟ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ସ୍ଥାୟୀତ୍ୱ ଏବଂ ଏହାର ବ୍ୟାପକତା ସମ୍ପର୍କିତ ଏକ ବୈଠକରେ ଅଧ୍ୟକ୍ଷତା କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଏହା କହିଛନ୍ତି । ସମନ୍ୱିତ ସମବାୟ ନେଟ୍‌ୱର୍କ ସୃଷ୍ଟି ମାଧ୍ୟମରେ ଦୁଗ୍ଧ ଚାଷୀଙ୍କ ଆୟ ବୃଦ୍ଧି ସମ୍ଭବ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି । ସମବାୟ ମାଧ୍ୟମରେ ପାରସ୍ପରିକ ସହଯୋଗ ଦ୍ୱାରା ନେଟ୍‌ୱର୍କ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । 'ସହକାର୍ ସେ ସମୃଦ୍ଧି'ର ମନ୍ତ୍ରକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି ।

ସମବାୟ ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ତିନୋଟି ନୂତନ ବହୁରାଜ୍ୟ ସମବାୟ ସମିତି ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି । ବୈଠକରେ କେନ୍ଦ୍ର ସମବାୟ ରାଷ୍ଟ୍ର ମନ୍ତ୍ରୀ କ୍ରିଶନ୍ ପାଲ୍ ଗୁର୍ଜର ଏବଂ ମୁରଲୀଧର ମୋହୋଲ ଉପସ୍ଥିତ ଥିଲେ ।

## ବିଟିଂ ରିଟ୍ରିଟ୍

ଭାରତ-ପାକିସ୍ତାନ ସୀମାନ୍ତ ଅଟାରି ୱାଘା ଚେକ୍‌ପୋଷ୍ଟ ଠାରେ ବିଟିଂ ରିଟ୍ରିଟ୍ ସମାରୋହ ଆଜି ସନ୍ଧ୍ୟାରୁ ସାଧାରଣ ଜନତାଙ୍କ ପାଇଁ ଉନ୍ମୁକ୍ତ ହେବ । ଏହି ସମାରୋହ ଗତ ସନ୍ଧ୍ୟାରୁ ଆରମ୍ଭ ହୋଇଥିଲେ ମଧ୍ୟ ଏହା କେବଳ ଗଣମାଧ୍ୟମ ପାଇଁ ଉଦ୍ଦିଷ୍ଟ ରହିଥିଲା । ଫିରୋଜ୍‌ପୁରର ହୁସେନିୱାଲା ଏବଂ ଫାଜିଲକା'ର ସଦ୍‌କି ସୀମା ପୋଷ୍ଟରେ ମଧ୍ୟ ବିଟିଂ ରିଟ୍ରିଟ୍ ସମାରୋହକୁ ଆଜିଠାରୁ ସାଧାରଣ ଜନତା ଉପଭୋଗ କରିପାରିବେ । ଅପରେସନ୍ ସିନ୍ଦୂରକୁ ଦୃଷ୍ଟିରେ ରଖି ଗତ ୮ ତାରିଖଠାରୁ ଏହି ସମାରୋହକୁ ବନ୍ଦ ରଖାଯାଇଥିଲା । ଏହି ସମାରୋହ ସମୟରେ ଫାଟକ ବନ୍ଦ ରହିବା ସହ ଉଭୟ ପକ୍ଷଙ୍କ ମଧ୍ୟରେ ହାତ ମିଳାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି । ଏଥିସହ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କୌଣସି ଅବସରରେ ମିଷ୍ଟାନ୍ନ କିମ୍ବା ଉପହାର ଆଦାନପ୍ରଦାନ ହେବ ନାହିଁ ।  ବିଟିଂ ରିଟ୍ରିଟ୍ ସମାରୋହ ଜାତୀୟ ସୁରକ୍ଷା ଏବଂ

ଦେଶ ପ୍ରେମର ଏକ ମାର୍ମିକ ପ୍ରତୀକ, ଯାହାକି ପାରମ୍ପରିକ ପତାକା ଅବତରଣ ନୀତିକୁ ଦର୍ଶାଇଥାଏ ।

## ଏଫ୍‌ଏସ୍‌ଏସ୍‌ଏଆଇ ଫୁଟ୍ ୱାସ୍

ଖାଦ୍ୟରେ ନିଷିଦ୍ଧ ରଙ୍ଗ ସହ ଅଣ-ଅନୁମତି ପ୍ରାପ୍ତ ମହମ ପ୍ରଲେପକୁ ରୋକିବା ଲକ୍ଷ୍ୟ ନେଇ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ଏଫ୍.ଏସ୍.ଏସ୍.ଏ.ଆଇ. ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ପରାମର୍ଶ ଦେଇଛି । ଏଥିପାଇଁ ଆବଶ୍ୟକ ସ୍ଥଳେ ସ୍ୱତନ୍ତ୍ର ଅଭିଯାନ ଚଳାଇବାକୁ ମଧ୍ୟ ପ୍ରାଧିକରଣ ଅନୁରୋଧ କରିଛି । ଏ ସଂକ୍ରାନ୍ତ ଏକ ବିଜ୍ଞପ୍ତିରେ ଫଳ ବଜାର ଏବଂ ମଣ୍ଡି ଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ କହିଛି । ଫଳ ପାଚିବା ପାଇଁ କ୍ୟାଲ୍‌ସିୟମ୍ କାର୍ବାଇଡ୍‌ର ବହୁଳ ବ୍ୟବହାର ତଥା ଅନ୍ୟାନ୍ୟ ଆନୁସଙ୍ଗୀକ ପରିସ୍ଥିତି ନେଇ ପଦକ୍ଷେପ ଗ୍ରହଣ କରିବାକୁ ପ୍ରାଧିକରଣ ଆଞ୍ଚଳିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି । ଖାଦ୍ୟ ବ୍ୟବସାୟ କ୍ଷେତ୍ରରେ ନିର୍ଦ୍ଧାରିତ ମାନକ କାର୍ଯ୍ୟ ପଦ୍ଧତି ପାଳନ ସୁନିଶ୍ଚିତ କରିବାକୁ ଏଫ୍.ଏସ୍.ଏସ୍.ଏ.ଆଇ. ପରାମର୍ଶ ଦେଇଛି । ଆବଶ୍ୟକ ସ୍ଥଳେ ଆଇନ୍ ଅନୁଯାୟୀ ସମ୍ପୃକ୍ତ ବ୍ୟବସାୟୀ ତଥା ଅନୁଷ୍ଠାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରାଧିକରଣ କହିଛି ।

# ପଦ୍ମଆୱାର୍ଡ୍‌-ନୋମିନେସନ୍

୨୦୨୬ ବର୍ଷ ଲାଗି ପଦ୍ମ ପୁରସ୍କାର ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମନୋନୟନପତ୍ର ଆହ୍ୱାନ କରାଯାଇଛି । ଏହି ମନୋନୟନପତ୍ର ଅନ୍‌ଲାଇନ୍‌ରେ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ୍ ମାଧମରେ ଆସନ୍ତା ଜୁଲାଇ ୩୧ ତାରିଖ ମଧ୍ୟରେ ଦାଖଲ କରାଯାଇପାରିବ ବୋଲି ମନ୍ତ୍ରଣାଳୟ କହିଛି ।

ଏ ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ପୋର୍ଟାଲ୍‌ରେ ଦିଆଯାଇଥିବା ଫର୍ମାଟ୍ ଅନୁଯାୟୀ ମନୋନୟନପତ୍ର ସହିତ ପ୍ରତ୍ୟେକ ଆବେଦନକାରୀଙ୍କ ବିସ୍ତୃତ ବିବରଣୀ ରହିବା ଆବଶ୍ୟକ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କଳା, ସାହିତ୍ୟ, ଶିକ୍ଷା, କ୍ରୀଡ଼ା, ଔଷଧ, ସମାଜ ସେବା, ବିଜ୍ଞାନ, ଇଞ୍ଜିନିୟରିଂ, ବାଣିଜ୍ୟ ଓ ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ମୁଖ୍ୟତ ପଦ୍ମବିଭୂଷଣ, ପଦ୍ମଭୂଷଣ ଓ ପଦ୍ମଶ୍ରୀ ଭଳି ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାରରେ ସମ୍ମାନିତ କରାଯାଇଥାଏ । ୧୯୫୪ ମସିହାରୁ ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ଏହି ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଏ । ଏହି ପୁରସ୍କାର ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ କରିଥାଏ । ଡାକ୍ତର ଏବଂ ବୈଜ୍ଞାନିକଙ୍କ ବ୍ୟତୀତ ସରକାରୀ କର୍ମଚାରୀ ଏହି ପୁରସ୍କାର ପାଇଁ ଯୋଗ୍ୟ ନୁହନ୍ତି ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ବିଜୟୀ ହୋଇଛି । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍ ଠାରେ ଗତକାଲି ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୬ ୱିକେଟ୍‌ରେ ଚେନ୍ନାଇ ସୁପରକିଙ୍ଗସ୍‌କୁ ପରାସ୍ତ କରିଛି । ଟସ୍ ଜିତି ରାଜସ୍ଥାନ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ବ୍ୟାଟିଂ ଆରମ୍ଭ କରି ଚେନ୍ନାଇ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ବିନିମୟରେ ୧୮୭ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଆୟୁଷ ମାହାତ୍ରେ ସର୍ବାଧିକ ୪୩ରନ୍ ସଂଗ୍ରହ କରିଥିଲେ । ରାଜସ୍ଥାନ ରୟାଲ୍ସ ପକ୍ଷରୁ ଯୁଧଭିର ସିଂହ ଚରଖ ଏବଂ ଆକାଶ ମଧୱାଲ ୩ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ବିଜୟ ଲକ୍ଷ୍ୟକୁ ରାଜସ୍ଥାନ ୧୭ ଓଭର ଗୋଟିଏ ବଲ୍‌ରେ ୪ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଦଳ ପକ୍ଷରୁ ବୈଭବ ସୂର୍ଯ୍ୟବଂଶୀ ଦ୍ରୁତ ୫୭ରନ୍ ଏବଂ ସଞ୍ଜୁ ସାମସନ୍ ୪୧ରନ୍ ସଂଗ୍ରହ କରିଥିଲେ । ଆକାଶ ମଧୱାଲଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି । ତେବେ ଉଭୟ ଦଳ ପ୍ଲେଅଫ୍‌ରେ ସ୍ଥାନ ପକ୍କା କରିପାରି ନାହାନ୍ତି ।

ଆଜି ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡିୟମ୍‌ରେ ସନ୍ଧ୍ୟା ସାଢ଼େ ୭ଟାରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମୁକାବିଲା ହେବ ।